ପାଠ-୧୫

# ଫଲ୍ଗୁ

**STUDY NOTES**

## MIND MAP



**ସୃଜନାଭିମୁଖ୍ୟ**

'ଫଲଗୁ', ଏକାଙ୍କିକାରେ ଏକ ମଧ୍ୟବିତ୍ତ ପରିବାରର ଅଭାବ, ଅସୁବିଧା ଯଥାର୍ଥ ଚିତ୍ର ପ୍ରଦାନ କରାଯାଇଛି । ମଧ୍ୟବିତ୍ତ ପରିବାରରେ ଅଭାବ ଥାଏ, ମାତ୍ର ସେହି ଅଭାବକୁ ସେ ଅନ୍ୟଆଗରେ ପ୍ରକାଶ କରିବାକୁ ଚାହେଁନା । ନିଜର ଅସୁବିଧା ପରିସ୍ଥିତିକୁ କୌଣସି ପ୍ରକାର ଲୁଚାଇ ଦେଇ, ଅନ୍ୟ ପାଖରେ ସହଜ, ସ୍ୱାଭାବିକ ହେବାକୁ ଚେଷ୍ଟାକରେ । ପୁନଶ୍ଚ ଜୀବନର ବଞ୍ଚିବାର ସାମର୍ଥ୍ୟକୁ ସେ ବଡ଼କରି ଦେଖାଇବାକୁ ଇଚ୍ଛା କରେ ନାହିଁ । ସେହି ଅସୁବିଧା ତା'ର ସୃଜନଶୀଳତାକୁ, ତା'ର କଳାତ୍ମକ ଆବେଦନକୁ ମାରିପାରେ ନାହିଁ । ଅନ୍ୟଭାବରେ ପ୍ରକାଶ କଲେ ଜୀବନର ବାସ୍ତବତାରେ ସ୍ୱପ୍ନର ଆବେଗକୁ ମିଶାଇ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ମଣିଷ ଚାହେଁ ନାହିଁ । ତା'ର ହୃଦୟର ସେହି ଦୁର୍ବଳ ଦିଗ ସବୁବେଳେ ଅନ୍ତଃସଲିଳା ସ୍ରୋତ ଭାବରେ ପ୍ରବାହିତ ହେଲେ ବି, ସେ ବାହାରକୁ ଦେଖାଯାଏନା କିମ୍ବା କାହାକୁ ଦେଖେଇ ପାରେନା । ପାରିବାରିକ ଜୀବନର ହସଖୁସି ଭିତରେ ସେହି ଦୁର୍ବଳତା କୌଣସି ପ୍ରଭାବ ପକାଇ ନଥାଏ ।

ସୁବ୍ରତବାବୁ ଜଣେ ଚାକିରିଜୀବୀ ସହରୀ ମଣିଷ । ଚାକିରିର ସ୍ୱଳ୍ପ ରୋଜଗାରରେ ସେ ପାରିବାରିକ ଜୀବନକୁ କୌଣସି ପ୍ରକାରରେ ଚଳାଇ ନିଅନ୍ତି । ଫଳରେ ତାଙ୍କର ଚଳଣି ଥାଏ ନିହାତି ସାଧାରଣ । ସେ ଡ୍ରଇଂ ରୁମ୍‌ରେ ଭଲ ଚୌକି ପକାଇ ପାରନ୍ତି ନାହିଁ କିମ୍ବା ଘରର ଆସବାବ ପତ୍ର ନିହାତି ରୁଚିକର କରିପାରନ୍ତି ନାହିଁ । କେବଳ ବଞ୍ଚିବାର ସାମର୍ଥ୍ୟ ଯୋଗାଡ଼ କରି, ପାରିବାରିକ ଜୀବନ ବିତାଇଥାନ୍ତି ।

ODM EDUCATIONAL GROUP
Changing your Tomorrow